بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୨୧ ମାର୍ଚ୍ଚ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
# ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**୨୩ ମାର୍ଚ୍ଚର ପ୍ରାସଙ୍ଗିକତାରେ ହଜରତ ମସିହ ମଉଦ[ଅ.ସ]ଙ୍କ ଚିତ୍ତାକର୍ଷକ ନୀତିଶିକ୍ଷା ଆଲୋକରେ ମସିହ ମଉଦ[ଅ.ସ]ଙ୍କର ଆବିର୍ଭାବ ହେବାର ଚର୍ଚ୍ଚା ଏବଂ ପାକିସ୍ତାନ ଅହେମଦି ଓ ମୁସଲମାନ ସମ୍ପ୍ରଦାୟ ନିମନ୍ତେ ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ପରଦିନ ୨୩ ମାର୍ଚ୍ଚ, ଜମାଅତ ଅହେମଦିୟାରେ ୨୩ ମାର୍ଚ୍ଚର ଦିବସ ବେଶ୍ ଗୁରୁତ୍ୱପୂର୍ଣ୍ଣ । କାରଣ ୨୩ ମାର୍ଚ୍ଚ ୧୮୮୯ମସିହାରେ ହଜରତ ମସିହ ମଉଦ[ଅ.ସ]ଙ୍କର ଆବିର୍ଭାବ ହେବା ଦ୍ୱାରା ଜମାଅତ ଅହେମଦିୟାର ଭିତ୍ତି ସ୍ଥାପନ ହୋଇଥିଲା । ମହାଭାଗଙ୍କର ଆବିର୍ଭାବ ଠିକ୍ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ହୋଇଥିଲା । ସେତେବେଳେ ଇସଲାମର ଧର୍ମତରୀ ଭୀଷଣ ଲହଡ଼ି ଘେରରେ କବଳିତ ଥିଲା । ଏବେ ମଧ୍ୟ ଧାର୍ମିକ, ରାଜନୈତିକ ଓ ସାଂସାରିକ ଦୃଷ୍ଟିକୋଣରୁ (ଇସଲାମର ଅବସ୍ଥା) ଅତି ଶୋଚନୀୟ । ମୁସଲମାନ ଦେଶଗୁଡ଼ିକ ତୈଳ ଜାତୀୟ ଖଣିଜ ପଦାର୍ଥରେ ବେଶ ମାଲଦାର ଥିବା ସତ୍ତ୍ୱେ ସେମାନଙ୍କ ମହତ୍ୱ, ଦମ୍ଭ ଓ ଶିଷ୍ଟାଚାର ଭୁଷୁଡ଼ି ଯାଇଛି । କିନ୍ତୁ ଯେତେବେଳେ ଯୁଗାବତାରଙ୍କର ଆବିର୍ଭାବ ହେଲା ସେତେବେଳେ ମୁସଲମାନମାନଙ୍କ ଅବସ୍ଥା ଦେଖି ପୁଣ୍ୟଶ୍ଳୋକଙ୍କ ହୃଦୟରୁ ରକ୍ତର ଲୁହ ଝରି ପଡୁଥିଲା । ଇସଲାମ ଉପରେ ବିଶେଷ ଭାବରେ ଖ୍ରୀଷ୍ଟିୟାନମାନଙ୍କ ତରଫରୁ ଘନଘନ ଆକ୍ରମଣ ହୋଇଚାଲିଥିଲା । ଆଉ ସେମାନଙ୍କ ଉତ୍ତର ଦେବା ପାଇଁ କେହି ହେଲେ ମଧ୍ୟ ପାଦ ବଢାଉ ନଥିଲେ । ମୁସଲମାନ ପଣ୍ଡିତ ଓ ବିଦୁଷଗଣ ଭୟପ୍ରଦ ଅବସ୍ଥାରେ ଗ୍ରସିତ ଥିଲେ । ତେଣେ ଲକ୍ଷ ଲକ୍ଷ ମୁସଲମାନ ଖ୍ରୀଷ୍ଟଧର୍ମ ଗ୍ରହଣ କରି ଚାଲିଥିଲେ ।

ସେତେବେଳେ ମୁସଲମାନମାନଙ୍କର ଯେପରି ଅବସ୍ଥା ରହିଥିଲା, କେବଳ ହଜରତ ମିର୍ଜା ଗୁଲାମ ଅହେମଦ ସାହେବ[ଅ.ସ] ହିଁ ଏକ ମାତ୍ର ମରଦ ଥିଲେ ଯେ ଅଲ୍ଲାଃତାଲାଙ୍କ ଆଦେଶକ୍ରମେ ଛିଡ଼ା ହେଲେ ଏବଂ ଇସଲାମର ପ୍ରତିରକ୍ଷାରେ ଜଣେ ଜରିଉଲ୍ଲାଃ (ଅଲ୍ଲାଃଙ୍କ ବଳବାନ୍)ର ଭୂମିକା ସମ୍ପନ୍ନ କଲେ । ପୁଣ୍ୟଶ୍ଳୋକ ସେହି ସମୟରେ ରହିଥିବା ସମସ୍ତ ଧର୍ମ ଯେ ଇସଲାମ ଏବଂ ଇସଲାମର ସଂସ୍ଥାପକ ବିରୁଦ୍ଧରେ ନିଜ ଭାଷଣ ତଥା ରଚନାରେ କୌଣସି ପ୍ରକାର ଅଭଦ୍ର ଓ ଅବାନ୍ତର ଆକ୍ରମଣ କରୁଥିଲା, ତାହାର ସବିଶେଷ ଉତ୍ତର ଦେଲେ । ବୈଅତ୍ ନେବା ପୂର୍ବରୁ ପୁଣ୍ୟଶ୍ଳୋକ ସେହି ଅସହ୍ୟ ପୀଡ଼ା ଯୋଗୁଁ ଏକ ପୁସ୍ତକ ରଚନା କଲେ, ଯାହାକି "ବରାହିନେ ଅହେମଦିୟା" ନାମରେ ଅଭିହିତ । ସେଥିରେ ପୁଣ୍ୟଶ୍ଳୋକ ଶତ୍ରୁର, ଇସଲାମ୍ ବିରୋଧୀମାନଙ୍କ ଆକ୍ରମଣ (ଆପତ୍ତି ଓ ଅଭିଯୋଗ)ଗୁଡ଼ିକର ଏପରି ଉତ୍ତର ଦେଇଛନ୍ତି ଯାହାକି ଶତ୍ରୁକୁ ନିରୁତ୍ତର (ଅର୍ଥାତ୍ ହତବାକ୍) କରିଦେଲା । ସେଥିରେ ହୁଜୁର[ଅ.ସ] ପବିତ୍ର କୁରଆନ ଏକ ଐଶୀ ଧର୍ମଗ୍ରନ୍ଥ ହେବା, ଆଉ ଏକ ଅତୁଳନୀୟ ଓ ଅନନ୍ୟ ଗ୍ରନ୍ଥ ହେବା ତଥା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଜଣେ ସତ୍ୟବାଦୀ ଅବତାର ହେବା ଓ ଶେଷ ନବୀ ହେବାର ଖଣ୍ଡନ କରି ଅକାଟ୍ୟ ପ୍ରମାଣ ଉପସ୍ଥାପନ କରିଛନ୍ତି । ହୁଜୁର[ଅ.ସ] ଆହୁରି କହିଲେ; **ଯେ କେହି ଏହି ଦଲିଲ୍‌ଗୁଡ଼ିକୁ ରଦ୍ଦ କରିବ ତାହାକୁ ଆମେ ପୁରସ୍କୃତ କରିବୁ ।** ଯେକେହି ଏହାର ଏକତୃତୀୟାଂଶ ଅଥବା ଚତୁର୍ଥାଂଶ ଅଥବା ପଞ୍ଚମାଂଶ ମଧ୍ୟ ରଦ୍ଦ କରିଦେବ ତେବେ ଆମ୍ଭେ ତାହାକୁ ଦଶ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିବୁ । ଯାହାକି ସେହି କାଳରେ ଏକ ବହୁତ ବଡ଼ ଧନରାଶି ଥିଲା । ଏହା ଦେଖି ମୁସଲମାନମାନଙ୍କ ପିଣ୍ଡରେ କିଞ୍ଚିତ ସାହସ ଜୁଟିଲା ଯେ, ଇସଲାମ୍ ବି ଏକ ଧର୍ମ । ଏଥିରେ ମୁସଲମାନ ବିଦ୍ୱାନମାନେ ପୁଣ୍ୟଶ୍ଳୋକଙ୍କର ବେଶ ପ୍ରଶଂସା କଲେ । ଇସଲାମ୍‌ର ହଜରତ ମସିହ ମଉଦ[ଅ.ସ] ଏପରି ସେବା କରିବା ଦେଖି ଲୋକମାନେ କହିଲେ; ମହୋଦୟ ଆମ ଠାରୁ ବୈଅତ୍ ନିଅନ୍ତୁ । କିନ୍ତୁ ସେତେବେଳ ସୁଦ୍ଧା ପୁଣ୍ୟଶ୍ଳୋକଙ୍କୁ ଐଶୀ ନିର୍ଦ୍ଦେଶ ପ୍ରାପ୍ତ ହୋଇ ନଥିଲା କିନ୍ତୁ ଯେତେବେଳେ ଆଦେଶ ମିଳିଲା ହୁଜୁର[ଅ.ସ] (ଅନୁଚର)ଙ୍କ ଠାରୁ ବୈଅତ୍ ନେଲେ । ସେଥିଅନ୍ତେ ଅଲ୍ଲାଃତାଲା ପୁଣ୍ୟଶ୍ଳୋକଙ୍କୁ ଏହି ଆଦେଶ ମଧ୍ୟ

ଦେଲେ ଯେ, ଏହି ଘୋଷଣା କର କି ମୁଁ ମସିହ ମଉଦ୍ ଓ ମେହଦି ମାହୁଦ୍ (ଅର୍ଥାତ୍ ପ୍ରତିଶ୍ରୁତ ମସିହ ଓ ମେହଦି) ଅଟେ । ପୁନଶ୍ଚ ୧୮୮୮ମସିହା ଡ଼ିସେମ୍ବର ମାସରେ ମହୋଦୟ ତବଲ୍ଲିଗ୍ (ପ୍ରଚାର) ନାମରେ ବୈଅତ୍ ନେବାର ଘୋଷଣାନାମା ପ୍ରକାଶିତ କଲେ । ଯେପରିକି ପରମେଶ୍ୱରଙ୍କ ଦୈବିବାଣୀ ହେଲା- **ଯେତେବେଳେ ତୁମେ ସଙ୍କଳ୍ପ କରିନିଅ ସେତେବେଳେ ଅଲ୍ଲାଃଙ୍କ ଉପରେ ଭରସା ରଖ ଓ ଆମ ସମ୍ମୁଖରେ ତଥା ଆମ୍ଭ ଦୈବିବାଣୀ ଅନୁଯାୟୀ ଏକ ନୌକା ପ୍ରସ୍ତୁତ କର ।** ଯେଉଁ ଲୋକମାନେ ତୁମ ହସ୍ତରେ ବୈଅତ୍ କରିବେ ସେମାନେ ତୁମର ନୁହେଁ, ବରଂ ଆମ୍ଭର (ଅର୍ଥାତ୍ ଅଲ୍ଲାଃଙ୍କ)ର ବୈଅତ୍ କରିବେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପୁନଶ୍ଚ ଅଲ୍ଲାଃତାଲା ନିଦର୍ଶନ ମଧ୍ୟ ଦେଖାଇଲେ ଯେଉଁଥିରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଆକାଶିୟ ଚିହ୍ନ ସାମିଲ ରହିଛି । ଯାହା ସଂକ୍ରାନ୍ତରେ ହୁଜୁର[ସ.ଅ] କହିଥିଲେ; ମୋ ମେହଦିଙ୍କ ଆଗମନ ପାଇଁ ଏକ ବିଶେଷ ନିଦର୍ଶନ ନିୟତ ରହିଛି, ଯାହାକି ଧାର୍ଯ୍ୟ ତିଥିରେ ସଙ୍ଘଟିତ ହେବ । ଯାହାକି ପ୍ରାଚ୍ୟ ଦେଶଗୁଡ଼ିକରେ ୧୮୯୪ମସିହାରେ ଏବଂ ପାଶ୍ଚାତ୍ୟ ଦେଶରେ ୧୮୯୫ମସିହାରେ ସଙ୍ଘଟିତ ହେଲା । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଚଳିତ ରମଜାନରେ ମଧ୍ୟ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେବ ଏବଂ ସେହି ଧାର୍ଯ୍ୟ ତିଥିରେ ସଙ୍ଘଟିତ ହେବ ତଥା ସମ୍ଭବତଃ ଆସନ୍ତାରେ ମଧ୍ୟ ହୋଇପାରେ । କିନ୍ତୁ ଯେଉଁ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହଜରତ ମସିହ ମଉଦ[ଅ.ସ]ଙ୍କ କାଳରେ ସଙ୍ଘଟିତ ହୋଇଥିଲା ଏବଂ ଆପଣଙ୍କ ଦାବି କରିବା ପରେ ଘଟିଲା, ତାହାର ନିଜସ୍ୱ ଗୁରୁତ୍ୱ ରହିଛି । ହୁଜୁର[ଅ.ସ] ଅଲ୍ଲାଃତାଲାଙ୍କ ଠାରୁ ଏକ ଫୁରକାନ୍ (ସତ୍ ଓ ଅସତ୍ ମଧ୍ୟରେ ପ୍ରଭେଦକାରୀ) ଓ ନିଦର୍ଶନ ମାଗିଥିଲେ । ଫଳତଃ ଐଶ୍ୱର୍ଯ୍ୟମୟ ପ୍ରଭୁ ଏହି (ନିଦର୍ଶନ) ଦେଖାଇଲେ । କେତେକ ଅହେମଦି ଚଳିତ (ରମଜାନରେ) ଗ୍ରହଣ ଲାଗିବାକୁ (ମସିହ ମଉଦଙ୍କ) ଚିହ୍ନ ଦର୍ଶାଉଛନ୍ତି । ତେବେ (ଏହାର ସତ୍ୟତା) ଅଲ୍ଲାଃତାଲା ହିଁ ଭଲ ଭାବରେ ଜାଣନ୍ତି, ସେ ଯାହା ହେଉ ଯଦି ମସିହ ମଉଦଙ୍କ ପାଇଁ ଏହାକୁ ଏକ ଚିହ୍ନ ମନେ କରୁଛନ୍ତି ତେବେ ଏହା ଏକ କ୍ରମିକତା ଯାହାକି ଜାରି ରହିଛି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ] ୧୨ଜାନୁଆରୀ ୧୮୮୯ମସିହାରେ "ତକ୍ମିଲେ ତବଲ୍ଲିଗ୍" ନାମରେ ଏକ ପତ୍ରିକା ପ୍ରକାଶିତ କଲେ ଏବଂ ସେଥିରେ ବୈଅତ୍ କରିବାର ୧୦ଗୋଟି ସର୍ତ୍ତ ନିର୍ଦ୍ଧାରିତ କଲେ । ଆମେ ଜାଣୁ ଯେ, ଜଣେ ଅହେମଦି ପାଇଁ ସେହି ୧୦ଗୋଟି ସର୍ତ୍ତର ପାଳନ କରିବା ଓ ତାହାକୁ ଗ୍ରହଣ କରିବା ଅନିବାର୍ଯ୍ୟ । ଦେଖ ହୁଜୁର[ଅ.ସ] ତାହାର ସାରାଂଶ ବର୍ଣ୍ଣନା କରି କହିଲେ; ଏହି ସର୍ତ୍ତଗୁଡ଼ିକ ଆଧାରରେ ଅନେକ ବନ୍ଧୁ (ମୋର) ବୈଅତ୍ କଲେ ଏବଂ ଏଯାବତ୍ ସେହି ପ୍ରକ୍ରିୟା ଅବ୍ୟାହତ ରହିଛି । ଆମମାନଙ୍କୁ ଚିନ୍ତା କରିବା ଉଚିତ୍ ଯେ, କ'ଣ ଆମେ ସେଗୁଡ଼ିକର ପାଳନ କରୁଅଛେ ? ଆମ ଜମାଅତରେ ନିଷ୍ଠାପର ଲୋକମାନଙ୍କର ଏକ ସଂଖ୍ୟାଗରିଷ୍ଠ ଦଳ ରହିଛି । ଯେଉଁମାନେ ବୈଅତ୍ କରି ନିଜ ଜୀବନ, ସମୟ, ଧନସମ୍ପତ୍ତି ଓ ମାନମର୍ଯ୍ୟାଦା ବଳି ଦେବା ତଥା ଧର୍ମର ମର୍ଯ୍ୟାଦା ରକ୍ଷା ଏବଂ ଇସଲାମ୍‌ର ବାର୍ତ୍ତା ସଂସାରବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଯଥାସମ୍ଭବ ଉଦ୍ୟମ କରିବାକୁ (ସର୍ବଦା) ପ୍ରସ୍ତୁତ ରହିଥାନ୍ତି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠଙ୍କ ପ୍ରତି ପ୍ରେମଭାବର ଅବସ୍ଥା ହଜରତ ମସିହ ମଉଦ[ଅ.ସ]ଙ୍କ ହୃଦୟରେ ତ ଏପରି ଭରି ରହିଥିଲା ଯାହାର ନକ୍ସା ଆପଣଙ୍କ ଏକ ସନ୍ଦର୍ଭରେ ଏପରି ଉଲ୍ଲେଖ ରହିଛି, ଯହିଁରେ ହୁଜୁର[ଅ.ସ] କୁହନ୍ତି; ମୁଁ ସର୍ବଦା ବିସ୍ମୟ ଚିତ୍ତରେ ଦେଖିଥାଏ ଯେ, ଏହି ଆରବୀ ନବୀ ଯାହାଙ୍କ ନାମ ମୁହମ୍ମଦ[ସ.ଅ] (ଅଲ୍ଲାଃତାଲାଙ୍କର ଶତସହସ୍ର ଆଶିଷ ଓ କଲ୍ୟାଣ ତାଙ୍କ ଉପରେ ଅବତୀର୍ଣ୍ଣ ହେଉ) ସେ କେତେ ଉଚ୍ଚ ଆସନରେ ଅଧିଷ୍ଠିତ ନବୀ ଥିଲେ । ତାଙ୍କ ଉଚ୍ଚାସୀନର ସୀମା ଜ୍ଞାତ ହେଉ ନାହିଁ ଏବଂ ତାଙ୍କ ପବିତ୍ର ପ୍ରଭାବର ଆକଳନ କରିବା (ଛାର) ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ । ଦୁଃଖଦ ଯେ ଯେଭଳି ତାଙ୍କୁ ଚିହ୍ନିବା ଆବଶ୍ୟକ ଥିଲା ସେପରି କରାଗଲା ନାହିଁ । ସେହି ଏକେଶ୍ୱରବାଦ ଯାହାକି ଏହି ନଶ୍ୱର ଜଗତରୁ ହଜି ଯାଇଥିଲା, ସେ ହିଁ ଜଣେ ମାତ୍ର ପୁରୁଷୋତ୍ତମ ଥିଲେ ଯିଏକି ତାହାକୁ ପୁନଃ ସଂସାରରେ ସ୍ଥାପିତ କରିଦେଲେ । ତାଙ୍କ ଅନ୍ତରରେ ନିଜ ପାଳନକର୍ତ୍ତାଙ୍କ ପ୍ରତି ଅପରିମିତ ପ୍ରେମଭାବ ଭରି ରହିଥିଲା ଏବଂ ମାନବଜାତି ପ୍ରତି ତାଙ୍କ ହୃଦୟରେ ଅପାର ସହାନୁଭୂତି ଠୁଳ ହୋଇଥିଲା । ତେଣୁ ପରମେଶ୍ୱର ଯେ ତାଙ୍କ ଅନ୍ତରଆତ୍ମାର ଇପ୍‌ସିତ ଭେଦ ସମ୍ପର୍କରେ ଅବଗତ ଥିଲେ ତାଙ୍କ ସମସ୍ତ ଅବତାର ଏବଂ ପ୍ରଥମ ଓ ଶେଷ ଚରଣରେ ସୃଷ୍ଟଜ ଉପରେ ତାଙ୍କୁ ଗୌରବ ମଣ୍ଡିତ କଲେ । **ତାଙ୍କ ଆଶା ଅଭିଳାଷକୁ ତାଙ୍କରି ଜୀବନ କାଳରେ ହିଁ ପୂରଣ କରିଦେଲେ ।** ସେ ହିଁ ସକଳ କୃପା ଓ ଆଶିଷର ଉତ୍ସ, ସେହି ବ୍ୟକ୍ତି ଯେ ତାଙ୍କ ଶ୍ରେଷ୍ଠତାର ସ୍ୱୀକାର କରିବା ବ୍ୟତୀତ ନିଜର କୌଣସି ଉତ୍କର୍ଷତାର ଦାବି କରେ ତେବେ ସେ ମନୁଷ୍ୟ ନୁହେଁ । ବରଂ ଶୈତାନର ବଂଶଧର କାରଣ ପ୍ରତ୍ୟେକ ବୈଶିଷ୍ଟ୍ୟର ଚାବିକାଠି ତାଙ୍କୁ ହିଁ ପ୍ରଦାନ କରାଯାଇଛି । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ତ ନିଜ ପ୍ରିୟ ମୁନିବଙ୍କ ପ୍ରତି ରହିଥିବା ପ୍ରୀତି ସମ୍ପର୍କର ପ୍ରସଙ୍ଗ, ଯେଉଁଥିପାଇଁ ପରାକ୍ରମୀ ଅଲ୍ଲାଃତାଲା ହୁଜୁର[ଅ.ସ]ଙ୍କୁ ଆବିର୍ଭୂତ କଲେ । ଯେପରିକି ସେ କହିଲେ; ଆମ୍ଭେ

ତୁମକୁ ସେହି ଅହେତୁକ ପ୍ରେମ କରିବା ଯୋଗୁଁ ଏହି (ଉଚ୍ଚ) ଆସନ ପ୍ରଦାନ କରିଛୁ ଯେ, ତୁମେ ମସିହ୍ ଓ ମେହ୍‌ଦି ହେବାର ଘୋଷଣା କର । ଆଜି ଆମ୍ଭେ ଇସଲାମର ପୁନଃ ସ୍ଥାପନ କରିବାର ପ୍ରତିଶୃତି ଚରିତ୍ରାର୍ଥ କରୁଅଛୁ ଏବଂ ତୁମ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରୁଅଛୁ । ଆଉ ପୁଣ୍ୟଶ୍ଳୋକ ମଧ୍ୟ ସେହି ଦାୟିତ୍ୱକୁ ଅତି ସୁନ୍ଦର ଭାବରେ ସମ୍ପାଦନ କଲେ ।

ପୁନଶ୍ଚ ହୁଜୁର[ଅ.ସ] ନିଜ ଜମାଅତକୁ ଉପଦେଶ ପୂର୍ବକ କହିଲେ; ମସିହ ମଉଦଙ୍କ ସହିତ ସାହାବାଙ୍କ ପରି ଲୋକମାନେ ସାମିଲ ହେବେ । ସୁତରାଂ ଏହା ଅଲ୍ଲାଃଙ୍କ ପ୍ରଦତ୍ତ ବାଣୀ ତେଣୁ ଯେତେବେଳେ ଆମ୍ଭେ ତାଙ୍କ ବୈଅତ୍ କରିବା କି ଆମେମାନେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ନାମ ଉଜ୍ଜ୍ୱଳିତ କରିବୁ ଓ ଇସଲାମ୍‌ର ଯଶ ଉର୍ଦ୍ଧ୍ୱଗାମୀ କରିବୁ ତଥା ଇସଲାମ୍‌ର ପ୍ରଚାର ବିଶ୍ୱର ତଟଦେଶ ପର୍ଯ୍ୟନ୍ତ ପହଞ୍ଚାଇବୁ ତେବେ ଆମମାନଙ୍କୁ ସେହି ସାହାବାମାନଙ୍କ ରଙ୍ଗ ଆପଣାଇବାକୁ ହେବ । ହୁଜୁର[ଅ.ସ] କହିଲେ; ଦେଖ ଆମ ମାର୍ଗଦର୍ଶକ ଓ ମୁନିବଙ୍କର ସାହାବାମାନେ କେଉଁ ପ୍ରକାର ମହାନ ବଳିଦାନି ଦେଲେ । ସୁତରାଂ ତାହାର କାରଣ କ'ଣ ଥିଲା ଯଦ୍ୱାରା ସେ ଏପରି ଉତ୍ସର୍ଗୀ ପାଲଟି ଗଲେ, ତାହା ତାଙ୍କ ଅନ୍ତରରେ ପ୍ରକଟିତ ହୋଇଥିବା ପ୍ରକୃତ ଈଶ୍ୱରଭକ୍ତିର ଉତ୍ତେଜନା ଥିଲା ଯାହାର ରଶ୍ମି ସେମାନଙ୍କ ହୃଦୟରେ ପଡିଥିଲା । ଅତଏବ ଯେକୌଣସି ଅବତାରଙ୍କ ସହିତ ତୁଳନା କରିନିଅ ତାଙ୍କ ପରି ବଦାନ୍ୟ ଓ ଅନୁପମ ନମୁନା କୌଣସି ସ୍ଥଳେ ପାଇବ ନାହିଁ । ଅତଃ ଏହି ପଦମର୍ଯ୍ୟାଦା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ସାହାବା (ଅନୁଚର)ମାନଙ୍କର ଏବଂ ସେମାନଙ୍କ ମଧ୍ୟରେ ଯେଉଁ ପାରସ୍ପରିକ ପ୍ରେମାନୁରାଗ ରହିଥିଲା ତାହାକୁ ଦୁଇ ପଦରେ ବର୍ଣ୍ଣନା କରିଛନ୍ତି ଯେ, ଯେଉଁ ପ୍ରୀତି ସମ୍ପର୍କ ସେମାନଙ୍କ ମଧ୍ୟରେ ରହିଥିଲା ତାହା କଦାପି କୌଣସି ସ୍ଥଳେ ଦେଖାଯାଇ ନାହିଁ । ଯଦିଚ ତାଙ୍କୁ ସ୍ୱର୍ଣ୍ଣର ପର୍ବତ ମଧ୍ୟ ପ୍ରଦାନ କରିଦିଆ ଯାଇଥାନ୍ତା ତଥାପି ସେମାନେ ତାହାକୁ ପାଦରେ ଏଡ଼ି ଦେଇଥାନ୍ତେ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହିସ୍ଥଳେ ହଜରତ ମସିହ ମଉଦ[ଅ.ସ] ଆମମାନଙ୍କୁ ପ୍ରଶ୍ନ କରୁଛନ୍ତି ଯେ, କ'ଣ ଆପଣମାନଙ୍କ ମଧ୍ୟରେ ଏପରି କେହି ଅଛନ୍ତି ? ସାହାବା ତ ଏପରି ଥିଲେ ଯେ ନିଜର ପ୍ରାଣର ଆହୁତି ଦେବା, ନିଜ ଧନସମ୍ପତ୍ତି ପ୍ରଭୁଙ୍କ ମାର୍ଗରେ ଅର୍ପଣ କରି ଦେବାରେ କସ୍ମିନକାଳେ ପୃଷ୍ଠଭଙ୍ଗ ଦେଇ ନଥିଲେ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆମମାନଙ୍କ ପାଇଁ ତ ଏତେ କଠିନତା ନାହିଁ । ଅର୍ଥାତ୍ ଆମେ ତ ସେମାନଙ୍କ ପରି ଯୁଦ୍ଧ ଲଢୁ ନାହେଁ । ଆମକୁ ତ ବଳିଦାନ କରିବାର ସାଧାରଣ ଅବସର ପ୍ରଦାନ କରାଯାଉଛି, ଏଥିରେ ନିଜ ଜୀବନ, ଅର୍ଥ ଓ ସମୟ ଦେବାକୁ ଡ଼ାକରା ଦିଆଯାଉଛି, ଯାହା ଉତ୍ସର୍ଗ କରିବାକୁ ଆପଣମାନେ ପ୍ରତିଜ୍ଞା କରିଛନ୍ତି । ଏଥିପାଇଁ ପ୍ରସ୍ତୁତ ରହିବା ଉଚିତ୍ । ହଜରତ ମସିହ ମଉଦ[ଅ.ସ] ନିଜ ଜମାଅତକୁ ଉପଦେଶ ପୂର୍ବକ କୁହନ୍ତି; ପବିତ୍ର କୁରଆନକୁ ପାଠ କର କିନ୍ତୁ କୌଣସି ଗପ କି ବୃତ୍ତାନ୍ତ ଆକାରରେ ନୁହେଁ । ଗୋଟିଏ ସ୍ଥାନରେ ହୁଜୁର[ଅ.ସ] କହିଲେ; ଦେଖ ଲୋକମାନେ କିପରି ସୁନ୍ଦର ଓ ମଧୁର କଣ୍ଠରେ ପବିତ୍ର କୁରଆନ ପାଠ କରୁଛନ୍ତି କିନ୍ତୁ ତାହା ତାଙ୍କ ଗଳାରୁ ତଳକୁ ଓହ୍ଲାଉ ନାହିଁ । ପବିତ୍ର କୁରଆନ ଯାହାର ଦ୍ୱିତୀୟ ନାମ ହେଉଛି ଜିକର୍ । ବାସ୍ତବରେ ତାହା ମନୁଷ୍ୟକୁ ନିଜ ଅନ୍ତରରେ ପ୍ରଚ୍ଛନ୍ନ ରହିଥିବା ଓ ଅଜ୍ଞାତ ସତ୍ୟତା ସ୍ମରଣ କରାଇବା ନିମନ୍ତେ ଅବତୀର୍ଣ୍ଣ ହୋଇଛି । ପବିତ୍ର କୁରଆନ ଏହି (ଅତ୍ୟାଧୁନିକ) ଯୁଗରେ ମଧ୍ୟ ଜିକର୍ ଅଟେ ଏବଂ ତାହାକୁ ଶିଖିବା ନିମନ୍ତେ ଜଣେ ଶିକ୍ଷକ ଆକାଶରୁ ଆଗମନ କରିଛନ୍ତି, ଯେ କି ଓଆଖରିନା ମିନ୍‌ହୁମ୍‌ର ଦୃଷ୍ଟାନ୍ତ । ଯେଉଁମାନେ ଆମର ବିରୋଧୀ, ସେମାନେ କେବଳ ଆମର ବିରୁଦ୍ଧାଚରଣ କରି ନଥାନ୍ତି, ବରଂ ପରମେଶ୍ୱରଙ୍କ ଅଙ୍ଗୀକାରର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛନ୍ତି । ଏମାନେ ସେହି ଲୋକ ଯାହାଙ୍କ ଗଳାରୁ ତଳକୁ କୁରଆନ ଓହ୍ଲାଉ ନାହିଁ । ଆଉ ଉପଦେଶ ଓ ନୀଶିଶିକ୍ଷା ଶୁଣିବାକୁ (ସେମାନେ) ପ୍ରସ୍ତୁତ ନାହାନ୍ତି । ପରମେଶ୍ୱର ତ ଧୈର୍ଯ୍ୟ ଓ ସକାରାତ୍ମକ ଭାବ ପୋଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ଏମାନେ କେବଳ ବିରୁଦ୍ଧାଚରଣ କରିବାରେ ମାତି ରହିଛନ୍ତି । **ଆଜି ଇସଲାମ ବ୍ୟତୀତ ଅନ୍ୟ କୌଣସି ଧର୍ମ ନାହିଁ, ଯାହାକି ଲୋକମାନଙ୍କୁ ଜୀବନ ଦାନ କରିପାରିବ ଏବଂ ଈଶ୍ୱର ଏହି କାର୍ଯ୍ୟ ପାଇଁ ମାଧ୍ୟମ ରଖିଥାନ୍ତି ତେଣିକି ତାହା ଆମକୁ ଦୃଶ୍ୟମାନ ହେଉ ଓ ବୁଝା ପଡୁ ଅବା ନପଡୁ ।**

ଯେପରି ପୂର୍ବ କାଳରେ ଅଲ୍ଲାଃତାଲା ହଜରତ ମୁହମ୍ମଦ [ସ.ଅ]ଙ୍କ ଆବିର୍ଭାବ ଦ୍ୱାରା ଦିବ୍ୟଜ୍ୟୋତି ଅବତୀର୍ଣ୍ଣ କରିଥିଲେ ଠିକ୍ ସେହିପରି ମୋତେ ଅବତୀର୍ଣ୍ଣ କରିଛନ୍ତି । ମୁଁ ଈଶ୍ୱରଙ୍କ ନିକଟରୁ ଆସିଛି, ଇଚ୍ଛା କଲେ (ମୋତେ) ସ୍ୱୀକାର କର ଅବା ନକର । ଈଶ୍ୱର ଏହି ଇଚ୍ଛା କଲେ ଯେ, ଏହି କଳି ଯୁଗରେ ଇସଲାମ୍‌ର ପୁନଃ ସ୍ଥାପନ ମସିହ ମଉଦଙ୍କର ହସ୍ତରେ କରିବେ । ତେଣୁକରି ତାହାକୁ "କାସ୍‌ରେ ସଲିବ୍"ର ଆଖ୍ୟା ଦିଆଯାଇଛି । ଦେଖ ଅଲ୍ଲାଃତାଲା ଯେତେବେଳେ ହଜରତ ମସିହ ମଉଦ [ଅ.ସ]ଙ୍କୁ ପ୍ରେରଣ କଲେ ସେତେବେଳେ ଖ୍ରୀଷ୍ଟଧର୍ମର ଭୀଷଣ ପ୍ରଭାବ ରହିଥିଲା ଯାହାକି ପୂର୍ବ କାଳରେ ଦେଖିବାକୁ ମିଳୁ ନାହିଁ । ତେବେ କ'ଣ ସେହି ବିଭ୍ରାଟ ସମୟରେ ପରମେଶ୍ୱରଙ୍କର ସ୍ୱାଭିମାନ ଏହା ଆବଶ୍ୟକ କରୁ ନଥିଲା ଯେ, ସେହି "କାସ୍‌ରେ ସଲିବ୍"କୁ ପ୍ରେରଣ କରିଥାନ୍ତେ । ଅତଃ ସେ ସେହିପରି କଲେ ଅର୍ଥାତ୍ ମସିହ ମଉଦଙ୍କୁ ପ୍ରେରଣ କଲେ । ଆଜି ଏହା ଜମାଅତର କାର୍ଯ୍ୟ ଯେ, ଏହାର

ଅନୁଗାମୀ ମସିହ ମଉଦଙ୍କ ମିଶନ୍‌କୁ ଆଗକୁ ନେଇଚାଲନ୍ତୁ ଏବଂ ନବୀଶିରୋମଣୀ, ଇସଲାମ୍ ଓ ପବିତ୍ର କୁରଆନ ଉପରେ ଆପତ୍ତି ବାଢୁଥିବା ଲୋକମାନଙ୍କର ପ୍ରମାଣ ଭିତ୍ତିକ ଉତ୍ତର ଦେଇ ସେହି ବିଭ୍ରାନ୍ତର ମୂଳୋତ୍ପାଟନ କରି ଦିଅନ୍ତୁ । ଏହା ପରମେଶ୍ୱରଙ୍କର ପ୍ରତିଶ୍ରୁତି ଯେ ବିଶ୍ୱରେ ମସିହ ମଉଦଙ୍କର ସତ୍ୟତା ପରିବ୍ୟାପ୍ତ ହେବ ଓ ତାହା ହେଉଅଛି ମଧ୍ୟ । ତେଣିକି ତାଙ୍କର ବିରୋଧ ଆପଣା (ଲୋକମାନେ) କରନ୍ତୁ ଅବା ପର, ତାହାର କୌଣସି କୁପ୍ରଭାବ ପଡିବ ନାହିଁ ।

ଲୋକମାନେ କହୁଛନ୍ତି ଯେ, ମସିହ ମଉଦ କାହିଁକି ଅବତୀର୍ଣ୍ଣ ହେଲେ ଯେବେ କି ଆମେ ଇସଲାମର ସମସ୍ତ ରୀତିନୀତି ପାଳନ କରୁଅଛୁ ? ଏହାର ଉତ୍ତର ସ୍ୱୟଂ ହୁଜୁର[ଅ.ସ] ଦେଇଛନ୍ତି ଯେ, ତୁମମାନେ ନିଜ ଅବସ୍ଥାକୁ (ଲକ୍ଷ) କର ତାହା ହିଁ ଏହାର ଉତ୍ତର । ତୁମେମାନେ ସତ୍‌କର୍ମ କରିବା ପରେ ମଧ୍ୟ ତାହାର ସୁପରିଣାମ କାହିଁକି ଉଦ୍ଧୃତ ହେଉ ନାହିଁ । ତୁମର ସମସ୍ତ କର୍ମ, (ବାସ୍ତବରେ) ସତ୍‌କର୍ମ ନୁହେଁ, ବରଂ ମାତ୍ର ଏକ ଖୋଳପା ସଦୃଶ ଯହିଁରେ ସାରତତ୍ତ୍ୱ ନାହିଁ । ଆଜି ମୁସଲମାନମାନେ ସ୍ୱୟଂ ଏହା ସ୍ୱୀକାର କରୁଛନ୍ତି ଯେ, ଆମର ଅଧୋଗତି ହୋଇଚାଲିଛି ଏବଂ ଜଣେ ସୁଧାରକ ଆସିବା ସମୀଚୀନ, ଯେ ଆମକୁ ସାହାଯ୍ୟ କରିବ ଏବଂ ଆମକୁ ଏହି ପତନରୁ ଉଦ୍ଧାର କରିବ । ହୁଜୁର[ଅ.ସ] କହିଲେ; ଆମର ବିରୋଧୀମାନେ ମଧ୍ୟ ଆମର ଦାସ ଯିଏକି ଆମ ବାର୍ତ୍ତାକୁ ଭୂପୃଷ୍ଠରେ ପରିବ୍ୟାପ୍ତ କରୁଛନ୍ତି । ତେଣିକି ସେମାନେ ତାହା ଆମର ବିରୁଦ୍ଧାଚରଣ କରି କାହିଁକି ବା ନକରନ୍ତୁ । ମୋତେ ସେମାନେ କହୁଛନ୍ତି ଯେ, ମୁଁ କୁଆଡେ ଏସବୁ କରି ବ୍ୟବସାୟ କରୁଛି । ଯଦି ଏହାକୁ ସଠିକ୍ ବିବେଚିତ କରାଯାଏ ତେବେ ଜାଣିରଖ ଯେ, ହଁ ଆମ୍ଭର କାର୍ଯ୍ୟ ସଂସାରୀ ପାଇଁ ଏକ ମୃତକ ସଦୃଶ । ଆମର କାର୍ଯ୍ୟ ଧର୍ମକୁ ସମସ୍ତ ପ୍ରକାର କୁପ୍ରଥା ଓ ପରମ୍ପରାରୁ ରକ୍ଷା କରିବା ଏବଂ ଇସଲାମ ସହିତ ସକଳ ଧର୍ମର ବାସ୍ତବତାକୁ ପ୍ରକାଶ୍ୟ କରିବା । ମନେରଖ ! **ପରମେଶ୍ୱର (ତୁମମାନଙ୍କ ଉପରେ) ଅନୁକମ୍ପା ପୂର୍ବକ ପବିତ୍ର କୁରଆନ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ପ୍ରେରଣ କରିଛନ୍ତି ।** ତେଣୁ ରମଜାନର ଏହି ପବିତ୍ର ଦିନମାନଙ୍କରେ ଏହି ଧର୍ମଗ୍ରନ୍ଥକୁ ପାଠ କର, ଏହାର ଶିକ୍ଷାକୁ ବୁଝିବାକୁ ଚେଷ୍ଟା କର ଓ ଏହାକୁ ଆପଣାଅ । ଆମେମାନେ ଏହାକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରି ହଜରତ ମସିହ ମଉଦ [ଅ.ସ]ଙ୍କ ମିଶନ୍‌କୁ ଆଗକୁ ବଢାଇବାକୁ ଚେଷ୍ଟା କରିବା ଉଚିତ୍ ।

ପରିଶେଷରେ ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ପାକିସ୍ତାନର ଅହେମଦିମାନଙ୍କୁ ନିଜ ଦୁଆରେ ମନେ ରଖିବାକୁ ମୁଁ ଦରଖାସ୍ତ କରୁଛି । ଅଲ୍ଲାଃତାଲା ସେମାନଙ୍କ ଜଟିଳ ପରିସ୍ଥିତିକୁ ସରଳ କରିଦିଅନ୍ତୁ । ଆଜିକାଲି ବିରୋଧୀମାନେ ନିଜର ପୂର୍ଣ୍ଣ ବଳ ପ୍ରୟୋଗ କରୁଛନ୍ତି, ପ୍ରତ୍ୟେକ ପ୍ରକାରରେ କଷ୍ଟ ଦେବାକୁ ଅହରହ ପ୍ରୟାସ କରୁଛନ୍ତି । ଯେଉଁ ପ୍ରକାରରେ କୌଣସି ଆଳ ମିଳୁଛି ଅହେମଦିମାନଙ୍କୁ କ୍ଷତି ପହଞ୍ଚାଇବାକୁ ହାତଛଡ଼ା କରୁ ନାହାନ୍ତି । ଅଲ୍ଲାଃତାଲା ଅହେମଦିମାନଙ୍କର ସୁରକ୍ଷା କରନ୍ତୁ । ସାଧାରଣତଃ ମୁସଲମାନ ସମ୍ପ୍ରଦାୟ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ, ସେମାନଙ୍କ ଅବସ୍ଥାରେ ଉନ୍ନତି ଘଟୁ, ପ୍ରଭୁ ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ମଧ୍ୟ ଏସିଆର ମୁସଲମାନମାନଙ୍କ ଉପରେ ପୁନର୍ବାର ଅତ୍ୟାଚାରର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଯାଇଛି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଏହି ଅନ୍ୟାୟ ଓ ଅତ୍ୟାଚାରରୁ ସୁରକ୍ଷିତ ରଖନ୍ତୁ ଓ ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

21st March 2025

*Translated to Odia by :* Moulavi Anwar Ahmad Khan